ପ୍ରେସ୍ ନୋଟ୍

# ଅନୁଗୋଳ ଜିଲ୍ଲା କ୍ରୀଡା ସଂଘର ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ।

ଅନୁଗୋଳ,ତା.୦୯.୦୫: ଜିଲ୍ଲାପାଳ ତଥା ଅନୁଗୋଳ ଜିଲ୍ଲା କ୍ରୀଡା ସଂଘର ସଭାପତି ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ୨୦୨୩-୨୪ ବର୍ଷ ନିମନ୍ତେ ଜିଲ୍ଲା କ୍ରୀଡା ସଂଘର ୪ ଗୋଟି ପଦବୀ ଯଥା- ଉପ-ସଭାପତି, ସମ୍ମାନୀତ ସାଧାରଣ ସମ୍ପାଦକ, ସମ୍ମାନୀତ ଯୁଗ୍ମ ସମ୍ପାଦକ, ସମ୍ମାନୀତ କୋଷାଧକ୍ଷ ପଦ ନିମନ୍ତେ ଆସନ୍ତା ତା.୨୩.୦୫.୨୦୨୩ ରିଖ ପୂର୍ବାହ୍ନ ୧୦ ଘଟିକା ଠାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ମତଦାନ କାର୍ଯ୍ୟକ୍ରମ ଚାଲୁ ରହିବ । ଏହି ନିର୍ବାଚନ ନିମନ୍ତେ ଆସନ୍ତା ତା. ୧୧.୦୫.୨୦୨୩ ଏବଂ ତା.୧୨.୦୫.୨୦୨୩ ପୂର୍ବାହ୍ନ ୯ ଘଟିକା ଠାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଡେପୁଟୀ କଲେକ୍ଟର,ଆପାତକାଳିନ ଓ ନିର୍ବାଚନ ଅଧିକାରୀଙ୍କ, ADAA, ଅନୁଗୋଳ, କାର୍ଯ୍ୟାଳୟ ଠାରୁ ନୋମିନେସନ ପେପର ଏବଂ ଭୋଟର ତାଲିକା ପାଇପାରିବେ ।

ନିର୍ବାଚନ କାର୍ଯ୍ୟସୂଚୀ ନିମ୍ନମତେ ପ୍ରଦାନ କରାଗଲା ।

| କ୍ର. ନଂ | କାର୍ଯ୍ୟକ୍ରମ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାର୍ଥୀ ପତ୍ର ଦାଖଲ | ୧୬.୦୫.୨୦୨୩ | ପୂର୍ବାହ୍ନ ୧୦ ଘଟିକାରୁ ଦିନ ୧ ଘଣ୍ଟା ପର୍ଯ୍ୟନ୍ତ | ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ,ଅନୁଗୋଳ |
| ୨ | ପ୍ରାର୍ଥୀ ପତ୍ର ଯାଞ୍ଚ | ୧୬.୦୫.୨୦୨୩ | ଅପରାହ୍ନ ୩ ଘଟିକା ଠାରୁ ଅପରାହ୍ନ ୫ ଘଟିକା | |
| ୩ | ପ୍ରାର୍ଥୀମାନଙ୍କ ବୈଧ ନାମ ତାଲିକା ପ୍ରକାଶନ | ୧୬.୦୫.୨୦୨୩ | ଅପରାହ୍ନ ୫ ଘଟିକା ଠାରୁ ସନ୍ଧ୍ୟା ୭ ଘଟିକା | |
| ୪ | ପ୍ରାର୍ଥୀ ପତ୍ର ପ୍ରତ୍ୟାହାର | ୧୮.୦୫.୨୦୨୩ | ଦିନ ୧ ଘଟିକା ମଧ୍ୟରେ | |
| ୫ | ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନଙ୍କ ଚୁଡାନ୍ତ ତାଲିକା ପ୍ରକାଶନ | ୧୮.୦୫.୨୦୨୩ | ଦିନ ୧ ଘଟିକା ପରଠାରୁ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ । | |
| ୬ | ଭୋଟ ଗ୍ରହଣ ତାରିଖ(ସମୟ) | ୨୩.୦୫.୨୦୨୩ | ପୂର୍ବାହ୍ନ ୧୦ ଘଟିକା ଠାରୁ ଦିନ ୧ ଘଟିକା | |
| ୭ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୨୩.୦୫.୨୦୨୩ | ଦିନ ୧ ଘଟିକା ପର ଠାରୁ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ । | |

[illegible] ଏକ୍ସ ଅଫିସିଓ ସଦସ୍ୟମାନେ ଏହି ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ।

OPPO Reno7 5G

<u>ନିର୍ବାଚନ ନିମନ୍ତେ ନିୟମାବଳୀ ଗୁଡିକ ନିମ୍ନମତେ ପ୍ରଦାନ କରାଗଲା ।</u>

୧. ପ୍ରାର୍ଥୀ ପତ୍ରର ଜେରକ୍ସ କପି ଦାଖଲ ଗ୍ରହଣ ଯୋଗ୍ୟ ।

୨. ପ୍ରାର୍ଥୀ ନିର୍ବାଚନ ପ୍ରକ୍ରିୟା ସମୟରେ ଯେ କୌଣସି ପରିଚୟ ପତ୍ର ଦାଖଲ କରିପାରିବେ । (ନୋମିନେସନ ଓ ଭୋଟିଂ ଇତ୍ୟାଦି)

୩. ଅନୁଗୋଳ ଜିଲ୍ଲା କ୍ରୀଡା ସଂଘରେ (ପରିଚାଳକ ମଣ୍ଡଳୀ କିମ୍ବା ସାଧାରଣ ସଭାରେ, ADAA) ୧ ବର୍ଷରୁ ଉର୍ଦ୍ଧ ସମୟ ଧରି ସଭ୍ୟ ଥିବା ବ୍ୟକ୍ତି ହିଁ ନିୟମାନୁଯାୟୀ ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ଲଢି ନିର୍ବାଚିତ ହୋଇପାରିବେ ।

୪. ପ୍ରସ୍ତାବକ ଓ ସମର୍ଥକଙ୍କ ନାମ ଭୋଟର ତାଲିକାରେ ନିଶ୍ଚିତ ଭାବରେ ଥିବା ଜରୁରୀ ।

୫. କେବଳ ଜଣଙ୍କ ପାଇଁ ଜଣେ ବ୍ୟକ୍ତି ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପାଇଁ ପ୍ରସ୍ତାବକ କିମ୍ବା ସମର୍ଥକ ହୋଇପାରିବେ ।

୬. ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲା କ୍ରୀଡା ସଂଘ (ADAA) ବାଇ ଲ ଅନୁଯାୟୀ ଅନୁସରଣ କରାଯିବ ।

୭. ଏହି ନିର୍ବାଚନ ପ୍ରକ୍ରିୟାର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାପାଳ ତଥା ସଭାପତି, ଜିଲ୍ଲା କ୍ରୀଡା ସଂଘ (ADAA) ଅନୁଗୋଳଙ୍କର ନିଷ୍ପତ୍ତି ହିଁ ଚୁଡାନ୍ତ ବୋଲି ଧରାଯିବ ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୩୯ ତା.୦୯.୦୫.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ 9/5/2023